# ଟ୍ରାକ୍ଟର ହର୍ନ ମରାକୁ ନେଇ ସଂଘବଦ୍ଧ ଆକ୍ରମଣ

■ ଟ୍ରାକ୍ଟର ଡ୍ରାଇଭରଙ୍କ ପରିବାରର ୨ ଗୁରୁତର
■ ଜଣେ ନବରଙ୍ଗପୁରରେ, ଅନ୍ୟ ଜଣେ କୋରାପୁଟରେ ଚିକିତ୍ସାଧୀନ

ପାପଡାହାଣ୍ଡି, ୧୪।୨(ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ଥାନା ପଣ୍ଡିକୋଟ ଜଙ୍ଗଲ ନିକଟରେ ଟ୍ରାକ୍ଟର ହର୍ନ ଶବ୍ଦକୁ ନେଇ ଗଣ୍ଡଗୋଳ ହୋଇଛି। ସଂଘବଦ୍ଧ ଆକ୍ରମଣରେ ଟ୍ରାକ୍ଟର ଡ୍ରାଇଭରଙ୍କ ପରିବାରର ୨ ସଦସ୍ୟ ଗୁରୁତର ଅଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଓ ଅନ୍ୟଜଣେ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି।

ସୂଚନାନୁଯାୟୀ ଦଳେଇଗୁଡ଼ା ଗ୍ରାମର ଟଙ୍କଧର ଭତରା ଶୁକ୍ରବାର ସନ୍ଧ୍ୟା ୫ଟାରେ ଟ୍ରାକ୍ଟର ସହ ନିଜ ଚାଷ ଜମିରେ କାମ ସାରି ପଣ୍ଡିକୋଟରୁ ଘରକୁ ଫେରୁଥିଲେ। ଏହି ସମୟରେ ପଣ୍ଡିକୋଟ ଜଙ୍ଗଲ ନିକଟରେ ଗାଇ ଗୋଠ ଦେଖି ସେ ହର୍ନ ବଜାଇଥିଲେ। ହର୍ନ ଶବ୍ଦ ଶୁଣି ଜଙ୍ଗଲ ଭିତରୁ ଜଣେ ଯୁବତୀ ଯୁବକ ଡ୍ରାଇଭର ଟଙ୍କଧରଙ୍କୁ ଗାଳି କରିବା ସହ ହର୍ନ କାହିଁକି ବଜେଇଲ କହି ଝଗଡା କରିଥିଲେ। ଏହା ପରେ ଯୁବକ ମାନସ ବେହେରା ନିଜ ସାଙ୍ଗମାନଙ୍କୁ ଫୋନ କରିଥିଲେ। ଏହା ମଧ୍ୟରେ ଟଙ୍କଧର ଟ୍ରାକ୍ଟର ଧରି ପଳାଇଥିଲେ। ମାନସଙ୍କ ୨ ଜଣ ସାଙ୍ଗ ଦଳେଇଗୁଡ଼ା ପୋଖରୀ ନିକଟରେ ଟ୍ରାକ୍ଟରକୁ ଅଟକାଇ ଥିଲେ। ପରେ ଘଟଣାସ୍ଥଳରେ ମାନସ ପହଞ୍ଚି ଝଗଡା କରିଥିଲେ। ଏହା ପରେ ମାନସ ରାତିରେ ଆସି ଘରେ ପଶି ମାରିବୁ ବୋଲି ଧମକ ଦେଇ ଚାଲି ଯାଇଥିଲେ। ସତକୁ ସତ ରାତିରେ ମାନସ ସାଙ୍ଗସାଥୀଙ୍କୁ ନେଇ ସଙ୍ଘବଦ୍ଧ ଭାବେ ଅସ୍ତ୍ରଶସ୍ତ୍ର ସହ ଟଙ୍କଧର ପରିବାରକୁ ମରଣାନ୍ତକ ଆକ୍ରମଣ କରିଥିଲେ। ପରିବାର ସଦସ୍ୟ ଭୟ ରେ ଚାଲି ଯାଇଥିଲେ। ଏହି ଆକ୍ରମଣରେ ଟଙ୍କଧରଙ୍କ ବାପା ବଳରାମ ଭତରା ଓ ଦାଦା ସାଧୁରାମ ଭତରା ଗୁରୁତର ହୋଇଥିଲେ। ଉଭୟଙ୍କୁ ପରିବାର ସଦସ୍ୟ ଉଦ୍ଧାର କରି ପାପଡାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେମାମନଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ବଳରାମଙ୍କ ସ୍ୱାସ୍ଥ୍ୟବସ୍ଥା ଅଧିକ ଗୁରୁତର ହେବା ଯୋଗୁ ତାଙ୍କୁ କୋରାପୁଟ ଶହୀଦ ଲକ୍ଷଣ ନାୟକ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି। ଟଙ୍କଧର ଶନିବାର ପାପଡ଼ାହାଣ୍ଡି ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ କେସ୍ ନଂ ୨୭ /୨୬ରେ ମାମଲା ରୁଜୁ କରିଛି। ୨ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଥିବା ଥାନାଧିକାରୀ ଉମେଶ ଚନ୍ଦ୍ର ନାୟକ ସୂଚନା ଦେଇଛନ୍ତି।


କୋରାପୁଟରେ ବଳରାମଙ୍କ ଚିକିତ୍ସା ଚାଲିଛି ।

# କିନ୍ନର ସଂଘ ସଦସ୍ୟଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପ୍ରମାଣପତ୍ର


ମୁଖ୍ୟମନ୍ତ୍ରୀ ଜଣଙ୍କୁ କିନ୍ନର ପ୍ରମାଣପତ୍ର ଦେଉଛନ୍ତି।

ନବରଙ୍ଗପୁର,୧୪।୨(ସଦାଶିବ ପ୍ରହରାଜ)

ନବରଙ୍ଗପୁର ନୂତନ ମଣ୍ଡେଇ ପଡ଼ିଆରେ ଶୁକ୍ରବାର ଶ୍ରୀ ଜଗନ୍ନାଥ ଦର୍ଶନ ଯୋଜନା ଶୁଭାରମ୍ଭ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନବରଙ୍ଗପୁର ଜିଲା କିନ୍ନର ସଂଘର ସଦସ୍ୟଙ୍କୁ କିନ୍ନର ପ୍ରମାଣପତ୍ର ପ୍ରଦାନ କରିଥିଲେ। ମୁଖ୍ୟମନ୍ତ୍ରୀ କିନ୍ନରମାନଙ୍କୁ ମଞ୍ଚରେ କିନ୍ନର ପ୍ରମାଣପତ୍ର ପ୍ରଦାନ କରିଥିବାରୁ ଜିଲା କିନ୍ନର ସଂଘର ସମସ୍ତ ସଦସ୍ୟ ଖୁସି ପ୍ରକଟ କରିଛନ୍ତି। ଏହି ଅବସରରେ କିନ୍ନର ସଂଘର ଅଧ୍ୟକ୍ଷ ମନୋଜ କୁମାର ପଟନାୟକ ଜିଲା ପ୍ରଶାସନକୁ ସାଧୁବାଦ ଜଣାଇଛନ୍ତି। ସଂଘର ମୁଖ୍ୟ ପରାମର୍ଶଦାତା ସମାଜସେବୀ ଜଗନ୍ନାଥ ମହାପାତ୍ର, ଅନ୍ୟତମ ଉପଦେଷ୍ଟା ଉମରକୋଟର ବରିଷ୍ଠ ଅଧିବକ୍ତା ଶ୍ରୀନିବାସ ପଟ୍ଟନାୟକ, ପ୍ରୋଜେକ୍ଟ ଲିଡର ଏମ୍.ବାଲା କୃଷ୍ଣ ରାଓ, ସଂଘର ଆଇନ ପରାମର୍ଶଦାତା ରାମପ୍ରସାଦ ପାତ୍ର, ସଂଘର ମହିଳା ଉପଦେଷ୍ଟା ତଥା ସାମାଜିକ କର୍ମୀ ଶର୍ମିଷ୍ଠା ଦେଓ, ଅଧିବକ୍ତା କିଶୋରୀ ପଟ୍ଟନାୟକ, ଅଧ୍ୟାପିକା ଡକ୍ଟର ସଂଯୁକ୍ତା ପଣ୍ଡା, ପ୍ରିନ୍ସିପାଲ ସ୍ୱର୍ଣ୍ଣଲତା ପଟ୍ଟନାୟକ, ଇଞ୍ଜିନିୟର ଚନ୍ଦନା ମଲ୍ଲିକ, ଅନ୍ୟତମ ଉପଦେଷ୍ଟା ସାମାଜିକ କର୍ମୀ ନୀନୀବାବୁ ତ୍ରିପାଠୀ, ଅଧ୍ୟାପକ ଅଖିଳ ଭଞ୍ଜ, ସାମାଜିକ କର୍ମୀ ଦୁର୍ଗା ପାଢ଼ୀ, ସାମାଜିକ କର୍ମୀ ମନୋଜ ପାଢି, କିନ୍ନର ସଂଘର ସଭାପତି କାଜୋଲ ଏବଂ ସମ୍ପାଦକ ଚୁମୁକି କିନ୍ନର ସମେତ ସମାଜ କଲ୍ୟାଣ ଅଧିକାରୀ ସୁଧାଂଶୁ ପାତ୍ର ପ୍ରମୁଖ ଖୁସି ପ୍ରକଟ କରିଛନ୍ତି।

# ନବରଙ୍ଗପୁର ଜିଲା ଦଳ ଘୋଷଣା

**୧୭ରୁ କଳାହାଣ୍ଡି କପ୍ କ୍ରିକେଟ-୨୦୨୬ ଟୁର୍ନାମେଣ୍ଟ**

ନବରଙ୍ଗପୁର,୧୪।୨ (ସଦାଶିବ ପ୍ରହରାଜ)

ରାଜ୍ୟ କ୍ରିକେଟ୍ ସଂଘ ଆନୁକୁଲ୍ୟରେ ଆସନ୍ତା ୧୭ ତାରିଖରୁ କଟକରେ ଆନ୍ତଃ ଜିଲା କଳାହାଣ୍ଡି କପ୍ କ୍ରିକେଟ ଟୁର୍ନାମେଣ୍ଟର ୫୦ ଓଭର୍ କ୍ରିକେଟ ଲିଗ୍ ମ୍ୟାଚ୍ ଅନୁଷ୍ଠିତ ହେବ। ଏଥି ନିମନ୍ତେ ନବରଙ୍ଗପୁର ଜିଲା ଦଳ ଚୟନ କରାଯାଇଛି। ଜିଲା କ୍ରିକେଟ ସଂଘର ସମ୍ପାଦକ ପ୍ରହଲ୍ଲାଦ ତ୍ରିପାଠୀ ଏକ ୧୫ ଜଣିଆ ଦଳ ଘୋଷଣା କରିଛନ୍ତି। ଏଥିରେ ଅଂଶୁମାନ ତ୍ରିପାଠୀ (ଅଧିନାୟକ)ଭାବେ ଅଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଦିଲୀପ ବିଷୋୟୀ, ଶେଖ୍ ରିଆଜ, ଜି.ଆର୍ଯ୍ୟାନ୍, ଶୁକେଶ ହୀରା, ଦିନେଶ ଶ୍ରୀବାସ୍ତବ ତାନବିର ବେଗ, ଶୁଭମ୍ ନାୟକ, ଅର୍ଜୁନ ମାଲ୍ୟା, ଦୀପକ ତିୱାରୀ, ଅଙ୍କିତ ଯାଦବ, ସୁମିତ୍ ବାଘ, ହରିତିକ ସାମ୍ୟାଲ, ଦେବରାଜ ସିଂ ରାଜପୁତ, ଏସ୍.ସାଇ କୁମାର ଏବଂ ଏନ୍. ବିଜୟ ଜଗେନ୍ଦ୍ର ପ୍ରମୁଖ ଚୟନ ହୋଇଛନ୍ତି। ଚନ୍ଦ୍ରଶେଖର ରାଜା କୋଚ୍ ଏବଂ ମ୍ୟାନେଜର ଭାବେ ଶଶାଙ୍କ ଶେଖର ବେହେରା ଦାୟିତ୍ୱ ତୁଲାଇବେ ବୋଲି କ୍ରିକେଟ ସଂଘ ମିଡିଆ ସଂଯୋଜକ ମନୋଜ କୁମାର ପଟ୍ଟନାୟକ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ନବରଙ୍ଗପୁର ଜିଲା ଦଳ ଫେବୃଆରୀ ୧୭ ତାରିଖ ରୁ ୨୨ ତାରିଖ ପର୍ଯ୍ୟନ୍ତ ସମ୍ବଲପୁର, ସୁନ୍ଦରଗଡ଼, ନୟାଗଡ଼, କେନ୍ଦ୍ରାପଡ଼ା ଏବଂ ଢେଙ୍କାନାଳ ସହ ଲିଗ୍ ମ୍ୟାଚ୍ ଖେଳିବେ। ଜିଲାର କ୍ରିକେଟ ସଂଘର ସମସ୍ତ ସଦସ୍ୟ ସମେତ ପ୍ରାକ୍ତନ ବରିଷ୍ଠ କ୍ରୀଡାବିତ୍‌ମାନେ ଦଳର ସଫଳତା ନିମନ୍ତେ ଶୁଭକାମନା ଜଣାଇଛନ୍ତି।

# ଦକ୍ଷତା, ଆତ୍ମବିଶ୍ୱାସ, ସକାରାତ୍ମକ ମନୋଭାବ ରହିଲେ ସଫଳତା ମିଳିବ

ନବରଙ୍ଗପୁର,୧୪।୨(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଡିଗ୍ରୀ କଲେଜର କ୍ୟାରିଅର କାଉନସେଲିଂ ସେଲ୍ ଓ ପିନାକଲ୍ ହ୍ୟୁମାନ୍ ରିସୋର୍ସ ପ୍ରାଇଭେଟ୍ ଲିମିଟେଡ୍, ଭୁବନେଶ୍ୱରଙ୍କ ସହଯୋଗରେ ଉତ୍କର୍ଷ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କର ଏକ ସଫଳ କ୍ୟାମ୍ପସ୍ ନିଯୁକ୍ତି ଅଭିଯାନ ଆୟୋଜିତ ହୋଇଯାଇଛି। ଏହି ଅଭିଯାନରେ ଶନିବାର ନବରଙ୍ଗପୁର ଡିଗ୍ରୀ କଲେଜ, ବିଦ୍ୟାର୍ଥୀ ଡିଗ୍ରୀ କଲେଜ, ମହିଳା ଡିଗ୍ରୀ କଲେଜ ଓ ବିଦ୍ୟାନିକେତନ ଡିଗ୍ରୀ କଲେଜର ୫୦ ଜଣ ଶେଷ ବର୍ଷର ଛାତ୍ରୀ ଛାତ୍ର ଭାଗ ନେଇଥିଲେ। ଛାତ୍ରୀଛାତ୍ରଙ୍କୁ ଚାକିରି ସୁଯୋଗ ପ୍ରଦାନ, ତାଙ୍କର ନିଯୁକ୍ତି ଦକ୍ଷତା ବୃଦ୍ଧି ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ନବରଙ୍ଗପୁର ଡିଗ୍ରୀ କଲେଜର ଅଧ୍ୟକ୍ଷ ଡି.ଗୋବିନ୍ଦା ରାଓ ଛାତ୍ରୀ ଛାତ୍ରଙ୍କୁ ଉତ୍ସାହିତ କରିବା ସହ ପ୍ରତିନିତ୍ୟ ପରିବର୍ତ୍ତିତ କାର୍ଯ୍ୟଜଗତରେ ସଫଳତା ପାଇଁ ଦକ୍ଷତା, ଆତ୍ମବିଶ୍ୱାସ ଓ ସକାରାତ୍ମକ ମନୋଭାବ ଅବଲମ୍ବନ କରିବାକୁ ପରାମର୍ଶ ଦେଇଥିଲେ। ପିନାକଲ୍ ହ୍ୟୁମାନ୍ ରିସୋର୍ସ ପ୍ରା.ଲି.ର ଟ୍ରେନିଂ ଓ ପ୍ଲେସମେଣ୍ଟ ମ୍ୟାନେଜର ସି. ଶେଖର ନାୟକ ଏବଂ ଉତ୍କର୍ଷ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ, ନବରଙ୍ଗପୁର ଶାଖାର ପ୍ରବନ୍ଧକ ଦୀପକ କୁମାର ବେହେରା ଚୟନ ପ୍ରକ୍ରିୟା ପରିଚାଳନା କରିଥିଲେ। ଆପ୍ଟିଚ୍ୟୁଡ୍ ପରୀକ୍ଷା, ବ୍ୟକ୍ତିଗତ ସାକ୍ଷାତକାର ଓ ଆଲୋଚନା ମାଧ୍ୟମରେ ଯୋଗ୍ୟ ଛାତ୍ରୀଛାତ୍ରଙ୍କୁ ଚୟନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଜିତେନ୍ଦ୍ର କୁମାର ରଥ, ଡଃ ଜହାଙ୍ଗିର ମହମ୍ମଦ, ଏବଂ ମିସ୍ ବିଜେୟତା ସୁନାଧର ଏହାକୁ ସଂଯୋଜନା ଓ ପରିଚାଳନା କରିଥିଲେ।



ଉତ୍କର୍ଷ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କର କ୍ୟାମ୍ପସ୍ ନିଯୁକ୍ତି ଅଭିଯାନ କାର୍ଯ୍ୟକ୍ରମରେ ଅତିଥିମାନେ।

# ବଳାତ୍କାର ଅଭିଯୁକ୍ତଙ୍କୁ ୧୦ବର୍ଷ କାରାଦଣ୍ଡ

ନବରଙ୍ଗପୁର,୧୪।୨(ସଦାଶିବ ପ୍ରହରାଜ)

୨୦୨୫ରେ ନବରଙ୍ଗପୁର ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ବଳାତ୍କାର ମାମଲାରେ ଶୁକ୍ରବାର ନବରଙ୍ଗପୁର ଅତିରିକ୍ତ ଜିଲା ଦେରାଜଜ୍ ତଥା ପକ୍ସୋକୋର୍ଟର ବିଚାରପତି ବାସୁଦେବ ଆଚାର୍ଯ୍ୟ ଅଭିଯୁକ୍ତ ଦୁର୍ଯ୍ୟୋଧନ ହରିଜନଙ୍କୁ ୧୦ ବର୍ଷ କାରାଦଣ୍ଡାଦେଶ ଦେଇଛନ୍ତି। ଏହି ମାମଲାର ଅଭିଯୁକ୍ତଙ୍କୁ ୧୦ବର୍ଷ ସଶ୍ରମ କାରାଦଣ୍ଡାଦେଶ ଦେଇଛନ୍ତି। ଜରିମାନା ବାବଦକୁ ୫ହଜାର ଟଙ୍କା ଦେବାକୁ ରାୟରେ କହିଛନ୍ତି।

ସୂଚନାନୁଯାୟୀ, ୨୦୨୫ ମାର୍ଚ୍ଚ ୧୩ରେ ନବରଙ୍ଗପୁର ଥାନା ଅଞ୍ଚଳର ପୀଡ଼ିତା ସନ୍ଧ୍ୟାରେ ଶୌଚ ହେବାକୁ ପୋଖରୀକୁ ଯାଉଥିଲେ। ଏହି ସମୟରେ ଅଭିଯୁକ୍ତ ତାଙ୍କୁ ଡରାଇ ଧମକାଇ ବଳାତ୍କାର କରିଥିଲେ। କାହାରିକୁ କହିଲେ ଜୀବନରେ ମାରି ଦେବାକୁ ଧମକ ଦେଇଥିଲେ। ପାଡ଼ିତା ସାଢ଼େ ୪ମାସର ଗର୍ଭବତୀ ହେବା ପରେ ଆଶା କର୍ମୀ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ନବରଙ୍ଗପୁର ଡିଏଚଏଚକୁ ଆଣିଥିଲେ। ପରୀକ୍ଷା କରିବା ବେଳେ ଡାକ୍ତର ବୟସ ଜାଣିବା ପରେ ଅଭିଯୋଗ କରିଥିଲେ। ପରେ ଏହା ପରିସରରେ ଥିବା ୱାନ ଷ୍ଟପ ସେଣ୍ଟରକୁ ଅବଗତ କରିଥିଲେ। ୱାନଷ୍ଟପ ସେଣ୍ଟରପକ୍ଷରୁ ଏତଲା ଦିଆଯିବା ପରେ ଅଭିଯୁକ୍ତକୁ ପୋଲିସ ଗିରଫ କରିଥିଲା। ପୀଡ଼ିତା । ଓ ଅଭିଯୁକ୍ତଙ୍କର ଡାକ୍ତରୀ ମାଇନା କରାଯାଇଥିଲା। ଏହି ମାମଲାର ବିଚାର ଚାଲିଥିବା ବେଳେ ୧୯ଜଣ ସାକ୍ଷ୍ୟ ଗ୍ରହଣ କରାଯାଇଥିଲା। ସାକ୍ଷ୍ୟଙ୍କ ବୟାନ ଅନୁଯାୟୀ କୋର୍ଟ ଅଭିଯୁକ୍ତଙ୍କୁ ଉପରୋକ୍ତ କାରାଦଣ୍ଡାଦେଶ ଦେଇଛନ୍ତି। ଏହା ସହ ଜିଲା ଆଇନସେବା ପ୍ରାଧିକରଣକୁ ଉକ୍ତ ନାବାଳିକାକୁ ଅନୁକମ୍ପାମୂଳକ ସହାୟତା ୧୦ଲକ୍ଷ ଦେବାକୁ ରାୟ ପ୍ରକାଶ ପାଇଛି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ମୃତ୍ୟୁଞ୍ଜୟ ମହାରାଣା ମାମଲା ପରିଚାଳନା କରୁଥିଲେ।

# ବୋରିଗୁମ୍ମାରେ ଦୁଗ୍ଧ ସଂଗ୍ରହ କେନ୍ଦ୍ର ଉଦ୍‌ଘାଟିତ

ବୋରିଗୁମ୍ମା, ୧୪।୨(ବିଜୟ କୁମାର ସାହୁ)

କୋରାପୁଟ ଜିଲା ବୋରିଗୁମ୍ମାସ୍ଥିତ ଲ୍ୟାମ୍ପସ ପରିସରରେ ଦୁଗ୍ଧ ସଂଗ୍ରହ କେନ୍ଦ୍ର ଉଦଘାଟିତ ହୋଇଯାଇଛି। ଜୟପୁର ଡିଭିଜନ ଡିଆର୍‌ସିଏସ୍ ମୋନିକା ରାୟ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥିଭାବେ ସମ୍ପାଦକ କେସିସି ବ୍ୟାଙ୍କ ହେଡ୍‌କ୍ୱାର୍ଟର ଐଶ୍ୱର୍ଯ୍ୟ ମହାନ୍ତି, ଏଆର୍‌ସିଏସ୍ ଜୟପୁର ଡିଭିଜନ ରଞ୍ଜନ କୁମାର ସାହୁ ଯୋଗ ଦେଇଥିଲେ। ବୋରିଗୁମ୍ମାରେ ଦୁଗ୍ଧ ସଂଗ୍ରହ କେନ୍ଦ୍ର ଖୋଲିବା ଦ୍ୱାରା ସ୍ଥାନୀୟ ଅଞ୍ଚଳର ଚାଷୀ ଓ ଗୋପାଳକମାନେ ସୁବିଧା ରେ ଦୁଗ୍ଧ ବିକ୍ରି କରିପାରିବେ ବୋଲି ଡିଆର୍‌ସିଏସ ମୋନିକା ରାୟ କହିଛନ୍ତି।ଗୋପାଳନ ନିମନ୍ତେ ଆଗ୍ରହୀ ଚାଷୀଙ୍କୁ ଲ୍ୟାମ୍ପ ଋଣ ଯୋଗାଇବ ବୋଲି କହିଛନ୍ତି। ପ୍ରଥମେ ଚାଷୀ ସତ୍ୟନାରାୟଣ ଭଞ୍ଜଙ୍କ ନିକଟରୁ ଦୁଗ୍ଧ ସଂଗ୍ରହ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବୋରିଗୁମ୍ମା ଲ୍ୟାମ୍ପସ ସଭାପତି ଲାଲୁମଣି ସିଂ, କେସିସି ବ୍ୟାଙ୍କ ଶାଖା ପରିଚାଳକ ବୋରିଗୁମ୍ମା ମନୋଜ କୁମାର ଦାସ, ଲ୍ୟାମ୍ପସ ନିର୍ଦ୍ଦେଶକ ନିରଞ୍ଜନ ପ୍ରଧାନ, ଏଲ ନାରାୟଣ ରାଓ, ରାମକୃଷ୍ଣ ବିଷୋୟୀ, ବୋରିଗୁମ୍ମା ଲ୍ୟାମ୍ପ ଏମଡି ପ୍ରସନ୍ନ କୁମାର ମିଶ୍ର , ଓମଫେଡ ସୁପରଭାଇଜର ଜୟଶ୍ରୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ।


ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅତିଥି ଓ ଅନ୍ୟମାନେ।

# ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ନବରଙ୍ଗପୁର,୧୪।୨(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ଥାନା ଅଧୀନ ନନ୍ଦାହାଣ୍ଡି ବ୍ଲକ ଦହଣା ଗ୍ରାମରେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ମିଳିଛି। ସେ ହେଲେ ଘର ଶୁଭମ ବେହେରା (୨୭)। ପୋଲିସ ସୂଚନାନୁଯାୟୀ, ଶୁକ୍ରବାର ରାତିରେ ଶୁଭମ ଖାଇ ସାରି ଶୋଇବାକୁ ଯାଇଥିଲେ। ଶୁଭମ ଙ୍କ ମା ଓ ଭଉଣୀ ଘରେ ନଥିଲେ। ଶୁଭମ ବାରିକ କାମ କରୁଥିବା ଯୋଗୁ ସକାଳୁ ଅନେକ ଲୋକ ଫୋନ କରିବା ସହ ଘରକୁ ଯାଇ ଡାକିଥିଲେ। ଶନିବାର ସକାଳ ୧୦ଟା ପର୍ଯ୍ୟନ୍ତ କବାଟ ଫିଟି ନ ଥିବା ଯୋଗୁ ପଡିଶା ଘରେ ରହୁଥିବା ସମ୍ପର୍କୀୟ ମଧ ଡାକ ପକାଇଥିଏ। ଏହାପରେ ଘର ପଛ ପଟୁ କବାଟ ତାଡି ଭିତରକୁ ପଶିଲା ପରେ ଶୁଭମଙ୍କ ଝୁଲନ୍ତା ମୃତଦେହ ଦେଖିଥିଲେ। ଏହାପରେ ଶୁଭମଙ୍କ ଭଉଣୀଙ୍କୁ ଏ ନେଇ ଖବର ଦିଆଯାଇଥିଲା। ସେ ଆସିବା ପରେ ତେନ୍ତୁଳିଖୁଣ୍ଟି ଥାନାକୁ ଜଣାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି। ବ୍ୟବଛେଦ ପାଇଁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ବ୍ୟବଚ୍ଛେଦ ପରେ ଅନ୍ତେଷ୍ଟି କ୍ରିୟା ପାଇଁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ତେନ୍ତୁଳିଖୁଣ୍ଟି ଥାନାରେ କେସ ନଂ ୨/୨୬ ଅନୁଯାୟୀ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଏଏସ୍‌ଆଇ ଭରତ ମାଝୀ ମାମଲାର ତଦନ୍ତ କରୁଛନ୍ତି।

# ପାହାଡ଼ ତଳକୁ ଖସିଗଲା ହାଇୱା, ଡ୍ରାଇଭର ମୃତ

ଲକ୍ଷ୍ମୀପୁର, ୧୪।୨ (ଅନନ୍ତ ପ୍ରସାଦ ନାୟକ)

କୋରାପୁଟ ଜିଲା ଲକ୍ଷ୍ମୀପୁର ବ୍ଲକ ଅଧୀନ କଡ଼ିଙ୍ଗା ମାଳି ଖଣି ଅଞ୍ଚଳରେ ଶନିବାର ସନ୍ଧ୍ୟାରେ ଏକ ମାଲ୍ ବୋଝେଇ ହାଇୱା ପାହଡ଼ ତଳକୁ ଖସିପଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଗାଡ଼ି ଚାଳକ ଚାମ୍ପି ପଞ୍ଚାୟତ ଟିଟିଝିଲା ଗ୍ରାମର ପ୍ରକାଶ ମିଣିଆକା (୨୭)ଙ୍କ ମୃତ୍ୟୁ ହୋଇଛି। ସୂଚନାନୁଯାୟୀ, କଡିଙ୍ଗା ମାଳିରୁ ସୀଙ୍ଗାରାମ୍ ଷ୍ଟକ୍ ପଏଣ୍ଟ ଯାଉଥିବା ବେଳେ ପାହାଡ଼ ତଳକୁ ଖସି ପଡ଼ିଥିଲା ଘଟଣାସ୍ଥଳରେ ପ୍ରକାଶଙ୍କ ମୃତ୍ୟୁ ହୋଇଥିଲା। ଖଣି ଅଞ୍ଚଳର କର୍ମଚାରି ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି ।

# ସେବା ମନୋଭାବ ନେଇ କାର୍ଯ୍ୟ କର: ବିଧାୟକ

ନବରଙ୍ଗପୁର,୧୪।୨(ସଦାଶିବ ପ୍ରହରାଜ)

ନବରଙ୍ଗପୁର ରଙ୍ଗମାଟିଗୁଡ଼ାସ୍ଥିତ ମାଆ ସନ୍ତୋଷୀ କଲେଜ୍ ଅଫ୍ ନର୍ସିଂ ଶିକ୍ଷାନୁଷ୍ଠାନ ପକ୍ଷରୁ ଫ୍ରେଶର ପାର୍ଟି ଶନିବାର କରାଯାଇଛି। ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ସେବା ମନୋଭାବ ନେଇ କାର୍ଯ୍ୟ କରିଲେ ଭବିଷ୍ୟତ ଉତ୍ତମ ରହିବ ବୋଲି ମତ ଦେଇଥିଲେ। ଆଗକୁ ନବରଙ୍ଗପୁରରେ ମେଡିକାଲ କଲେଜ୍ ସ୍ଥାପନ ହେବ। ଏହି ଜିଲାରେ ଚାକିରି ସୁଯୋଗ ମଧ ମିଳିପାରିବ ବୋଲି କହିଥିଲେ। ସମ୍ମାନୀତ ଅତିଥି ଭାବେ ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ମଳୟ ତ୍ରିପାଠୀ, ଜିଲା ମଙ୍ଗଳ ଅଧିକାରୀ ପାଲକା ରବୀନ୍ଦ୍ର, ଅଧ୍ୟକ୍ଷ ବିଜୟ ଚୌଧୁରୀ ପ୍ରମୁଖ ଯୋଗଦେଇଥିଲେ। ଏ ଏମ୍ ଏମ୍ ମାନେ ସେବା ଯୋଗାଇ ଦେଇ ଆସୁଛନ୍ତି। ଶିଶୁ, ମାତୃ ସୁରକ୍ଷା ସେମାନଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇବାରେ ନର୍ସିଂମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଶିଶୁ ଓ ଗର୍ଭବତୀ, ପ୍ରସୂତିଙ୍କ ସମେତ ଟୀକାକରଣ, କୃମି ନାଶକ ୧୨ଟି ଟୀକାକରଣ ହେଉଛି। ଏଥିରେ ଫ୍ରଣ୍ଟ ଲାଇନ କର୍ମଚାରୀଙ୍କ ଭୂମିକା ଅତ୍ୟନ୍ତ ଜରୁରୀ ହୋଇ ରହିଛି ବୋଲି ଅତିଥିମାନେ କହିଥିଲେ। ନର୍ସିଂ ଛାତ୍ରୀ ଛାତ୍ର ମାନଙ୍କୁ ସମ୍ମାନ ଦେବା ଆବଶ୍ୟକ ରହିଛି। ପୂର୍ବରୁ କେରଳ ଓ ତାମିଲ ନାଡୁରୁ ଆସିଥିବା ନର୍ସିଂ କର୍ମଚାରୀ ଓଡ଼ିଶାରେ ସେବା ଦେଇଥିଲେ। ଏବେ ଆମ ଅଞ୍ଚଳର ନର୍ସିଂ ମାନେ ମଧ ସେବା ମନୋଭାବ ନେଇ କାର୍ଯ୍ୟ କରୁଛନ୍ତି ବୋଲି ସେମାନେ କହିଥିଲେ। କଲେଜର ନିର୍ଦ୍ଦେଶିକା ଭାରତୀ ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ପାଦକ ରିତୁ ଚୌଧୁରୀ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପରେ ଛାତ୍ରୀ ମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



ମାଆ ସନ୍ତୋଷୀ କଲେଜ ଅଫ୍ ନର୍ସିଂ ଶିକ୍ଷାନୁଷ୍ଠାନ ଫ୍ରେଶର ପାର୍ଟି କାର୍ଯ୍ୟକ୍ରମରେ ନବରଙ୍ଗପୁର ବିଧାୟକଙ୍କ ସହ ଅନ୍ୟ ଅତିଥିମାନେ।

# ଭାରତୀୟ ପରମ୍ପରା, ସଂସ୍କୃତିକୁ ଉଜ୍ଜୀବିତ ରଖିବା ଲକ୍ଷ୍ୟ

ଉମରକୋଟ, ୧୪।୨(ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ଅଧିନ ଚିକଲପଦର ସ୍ଥିତ ଦଣ୍ଡକାରଣ୍ୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶନିବାର ମାତୃପିତୃ ପୂଜନ ଦିବସ ପାଳନ କରାଯାଇଛି। ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ନିଜ ମା' ବାପାଙ୍କ ସହ ସ୍କୁଲରେ ପହଞ୍ଚି ଥିଲେ। ପ୍ରିନ୍ସପାଲ ଶୁଭଙ୍କର ସରକାର ବାର୍ଷିକ ବିବରଣୀ ପାଠ କରିଥିଲେ ଏବଂ ସମ୍ପାଦିକା ଦୀପିକା ଅଧିକାରୀ ସ୍ୱାଗତ ଭାଷଣ ଦେଇ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ପ୍ରତିନିଧି ଅଶୋକ କୁମାର ପାଢୀ, ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝୀ, ନବରଙ୍ଗପୁର ଅତିରିକ୍ତ ଜିଲାପାଳ ତପନ କୁମାର ଖୁଣ୍ଟିଆ, ଶିକ୍ଷାବିତ୍ ସନରାଜ ଗଣ୍ଡ, ଅବସରପ୍ରାପ୍ତ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡ.ସନ୍ତୋଷ ପଣ୍ଡା, ଅବସରପ୍ରାପ୍ତ କୋରାପୁଟ ଜିଲାପାଳ ଗଦାଧର ପରିଡ଼ା, ଶିକ୍ଷକ ଡ. ପ୍ରଦୀପ ମିଶ୍ର ଓ ବିଦ୍ୟାଳୟର ସମ୍ପାଦିକା ଦୀପିକା ଅଧିକାରୀ ଅତିଥିଭାବେ ମଞ୍ଚାସୀନ ଥିଲେ। ଶିକ୍ଷାବିତ୍ ଟୁଟୁବାବୁ ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ମା' ବାପାଙ୍କୁ ପୂଜା କରିବା ପରମ୍ପରା ବହୁତ ନିଆରା। ଏହା ଭାରତୀୟ ସଂସ୍କୃତିକୁ ମନେ ପକେଇ ଦେଉଛି ବୋଲି ଅତିଥିମାନେ କହିଥିଲେ। ଛାତ୍ରୀଛାତ୍ର ମା ବାପାଙ୍କୁ ଫୁଲ ଚନ୍ଦନ ପୁଷ୍ପମାଲ୍ୟ ଦେଇ ପୂଜା ଅର୍ଚ୍ଚନା ପରେ ପାଦ ଛୁଇଁ ପ୍ରଣାମ କରିଥିଲେ। ଭାରତୀୟ ପରମ୍ପରା ଓ ସଂସ୍କୃତିକୁ ଏହା ଉଜ୍ଜୀବିତ କରୁଛି ବୋଲି କୁହାଯାଇଛି। ଶେଷରେ ପିଲାମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବିଦ୍ୟାଳୟ ପ୍ରତିଷ୍ଠାତା କାର୍ତ୍ତିକ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।


ସ୍କୁଲରେ ପିଲାମାନେ ନିଜ ନିଜ ମା' ବାପାଙ୍କୁ ପୂଜା କରୁଛନ୍ତି।

## ଲୁହା ବାକ୍ସରୁ ଟଙ୍କା ଚୋରି ଅଭିଯୋଗ

ଜୟପୁର ,(ପବନ ପାଣିଗ୍ରାହୀ)- ଜୟପୁର ସଦର ଥାନା ଅନ୍ତର୍ଗତ ପଣସପୁଟ ବାଗ୍ରା ଗ୍ରାମର ଗୋପାଳ ଗାଦବା ଶୁକ୍ରବାର ରାତିରେ ନିଜ ଘରେ ଶୋଇଥିବା ବେଳେ ଅନ୍ୟ ଏକ କୋଠରୀରୁ ଚୋରି ହୋଇଛି। କେହି ଦୁର୍ବୃତ୍ତ ଘରେ ପଶି ଆସବପତ୍ର ପାଙ୍ଗାଫିଙ୍ଗି କରିବା ସହିତ ସେଠାରେ ଥିବା ଲୁହା ବାକ୍ସ ଭିତରେ ରହିଥିବା ୩୫ ହଜାର ଟଙ୍କା ଚୋରି କରି ନେଇଥିବା ଜୟପୁର ଥାନାରେ ଅଭିଯୋଗ ହୋଇଛି । ପୋଲିସ ଏ ନେଇ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି ।

**ସଂକ୍ଷେପରେ**

## ଦୁର୍ବୃତ୍ତଙ୍କ ଛୁରାମାଡ଼ରେ ଯୁବକ ଗୁରୁତର

ଜୟପୁର , ୧୪ ।୨(ପବନ ପାଣିଗ୍ରାହୀ)

ଦୁର୍ବୃତ୍ତଙ୍କ ଆକ୍ରମଣରେ ଛୁରାମାଡ଼ରେ ଜଣେ ଯୁବକ ଗୁରୁତର ହୋଇ କୋରାପୁଟସ୍ଥିତ ମେଡିକାଲ କଲେଜରେ ଭର୍ତ୍ତି ହୋଇଛନ୍ତି। ଗୁରୁତର ଯୁବକ ହେଲେ ନବରଙ୍ଗପୁର ସହର ଲୋହରା ସାହିର ହୁସେନ ହରିଜନ (୨୧)। ପୋଲିସ ସୂଚନା ଅନୁଯାୟୀ, ହୁସେନ ତାଙ୍କ ସାଙ୍ଗସାଥୀଙ୍କ ସହ ଶିବରାତ୍ରୀ ପାଳନ ପାଇଁ ଶୈବପୀଠ ଗୁପ୍ତେଶ୍ୱରରୁ ଖାଲିପାଦରେ ଚାଲି ଚାଲି ଯାଉଥିଲେ। ଜୟପୁର ସଦର ଥାନା ଅଧିନସ୍ଥ ରଣ୍ଡାପାଲ୍ଲୀ ଗ୍ରାମ ନିକଟରେ ଦୁଇଜଣ ଅଜଣା ଦୁର୍ବୃତ୍ତ ବାଇକ୍‌ରେ ଆସି ତାଙ୍କୁ ଛୁରିରେ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ତାଙ୍କ ପେଟରେ ୫ରୁ ୬ ଥର ଛୁରି ଭୁସିଦେବାରୁ ପେଟର ଅନ୍ତବୁଜୁଲା ବାହାରି ଆସିଥିଲା। ତାଙ୍କୁ ତୁରନ୍ତ ଆମ୍ବୁଲେନ୍ସ ଯୋଗେ ପ୍ରଥମେ ଜୟପୁର ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ସେଠାରୁ ଗୁରୁତର ଅବସ୍ଥାରେ କୋରାପୁଟ ମେଡିକାଲ କଲେଜକୁ ନିଆଯାଇଥିଲା। ବର୍ତ୍ତମାନ ସୁଦ୍ଧା ତାଙ୍କ ଅବସ୍ଥା ଗୁରୁତର ରହିଥିବା ନେଇ ତାଙ୍କ ବଡଭାଇ ଟୁକୁନା ହରିଜନ କହିଛନ୍ତି। ଏ ନେଇ ସେ ଜୟପୁର ଥାନାରେ ଅଭିଯୋଗ ପରେ ହତ୍ୟା ଉଦ୍ୟମ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଥିବା ଥାନା ଅଧିକାରୀ ସଚିନ୍ଦ୍ର ପ୍ରଧାନ କହିଛନ୍ତି।

## ବସ୍ ପରମିଟ ହାତେଇବା ଅଭିଯୋଗ

ଜୟପୁର,୧୪।୨(ପବନ ପାଣିଗ୍ରାହୀ)

ମା' ଜଗତ ଜନନୀ ଘରୋଇ ବସ ମାଲିକ ସଂଘର ପକ୍ଷରୁ ଜୟପୁର ମୁଖ୍ୟ ଟ୍ରାଫିକ ଛକ ନିକଟରେ ସଂଘ କାର୍ଯ୍ୟକାରୀ ସଭାପତି ଅଶୋକ କୁମାର ରାୟ, ସମ୍ପାଦକ ବିଏସ୍ଆର ସେନାପତି, ଉପସଭାପତି ଅଜୟ ରାଉତ, ତିରୁପତି ପାଣିଗ୍ରାହୀ ଓ ଫିରୋଜ ତୁରୁକ ପ୍ରମୁଖ ଖବରଦାତା ସମ୍ମିଳନୀରେ ଜୟପୁର ଘରୋଇ ବସ ମାଲିକ ସଂଘ ସମ୍ପାଦକ, ପରିବହନ କମିଶନର, କୋରାପୁଟ ଜିଲାପାଳ, ପିଡି ଡୁଡ଼ା, ପୌର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ବିରୋଧରେ ରାଜ୍ୟ ଉଚ୍ଚ ନ୍ୟାୟାଳୟରେ ୪୦୧୬/୨୦୨୬ରେ ମାମଲା ରୁଜୁ କରାଯାଇଥିବା ଅଭିଯୋଗ ହୋଇଛି। ଏଥିରେ ଚିକିତ୍ସା ପ୍ରମାଣ ପତ୍ର ଦେଇ ଅନ୍ୟ କାର୍ଯ୍ୟକ୍ରମରେ ଯୋଗଦେଇ ବସ ପାଇଁ ରୁଟ ପରମିଟ ହାତେଇବା, ପ୍ରାଇଭେଟ ବସ୍‌ଷ୍ଟାଣ୍ଡ ଦୋକାନ ଗୃହଗୁଡ଼ିକ ପୌର ପରିଷଦ ଆବଣ୍ଟନ ନ କରିବା, ବିନା ନିର୍ବାଚନରେ ଘରୋଇ ବସ ମାଲିକ ସଂଘର ଜୋନ ୧୧ ଉପସଭାପତି ଭାବେ ନିଜକୁ ଘୋଷିତ କରିବା ଆଦି ଏଥିରେ ଉଲ୍ଲେଖ ରହିଛି। ଘରୋଇ ବସ ମାଲିକ ସଂଘର ସମ୍ପାଦକ କହିଛନ୍ତି, ଯିଏ ନିଜ ପରିଜନଙ୍କୁ ଠକାମି କରିବାରେ ଜେଲ ପଠାଇଥିଲେ। ସେ କରିଥିବା ଅଭିଯୋଗରେ କେତେ ସତ୍ୟତା ଥିବ ସାଧାରଣରେ ଲୋକେ ଜାଣିଥିବେ।

## ସିୟୁଓରେ ଆଦିବାସୀ ସାହିତ୍ୟ, ସଂସ୍କୃତି ଶୀର୍ଷକ ସେମିନାର

କୋରାପୁଟ,୧୪।୨(ଅମିତାଭ ବେହେରା)

ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ସାହିତ୍ୟ ଏକାଡେମୀ ସହଯୋଗରେ ଆଦିବାସୀ ସାହିତ୍ୟ ଓ ସଂସ୍କୃତି' ଶୀର୍ଷକ ନେଇ ୨ଦିନିଆ ଜାତୀୟ ସେମିନାର ଗୁରୁବାର ଉଦ୍‌ଘାଟିତ ହୋଇଛି। ଏଥିରେ ଗବେଷକମାନେ ୬୪ ଜନଜାତି ଗୋଷ୍ଠୀର ଭାଷା, ସଂସ୍କୃତି ଓ ମୌଖିକ ସାହିତ୍ୟ ଭାରତୀୟ ଜ୍ଞାନ ପରମ୍ପରାର ଅଂଶ ବୋଲି କହିଛନ୍ତି। ପ୍ରଫେସର ଚଣ୍ଡୀ ପ୍ରସାଦ ନନ୍ଦ, ପଦ୍ମଶ୍ରୀ ଦମୟନ୍ତୀ ବେଶ୍ରା ଓ ଡ.ଚନ୍ଦ୍ରଶେଖର ହୋତା ଆଦିବାସୀ ସାହିତ୍ୟର ସଂରକ୍ଷଣ ଓ ପ୍ରଚାରର ଆବଶ୍ୟକତା ଉଲ୍ଲେଖ କରିଥିଲେ। ବିଶ୍ୱବିଦ୍ୟାଳୟକୁଳପତି ପ୍ର. ନରସିଂହ ଚରଣ ପଣ୍ଡାଙ୍କ ପୌରୋହିତ୍ୟରେ ବୀଜବକ୍ତା ସାନ୍ତାଳୀ ଭାଷାର ଏକାଡେମୀ ପୁରସ୍କାର ପ୍ରାପ୍ତ ଲେଖିକା ପଦ୍ମଶ୍ରୀ ଦମୟନ୍ତୀ ବେଶ୍ରା ଓ ସାହିତ୍ୟ ଏକାଡେମୀ ସଚିବ ଡ. ଚନ୍ଦ୍ରଶେଖର ହୋତା ଯୋଗଦେଇଥିଲେ। ବିଭାଗର ମୁଖ୍ୟ ଡ. ପ୍ରଦୋଷ କୁମାର ସ୍ୱାଇଁ ଅତିଥି ପରିଚୟ ଦେଇଥିଲେ। ଏକାଡେମୀର ସହ ସଚିବ ସଞ୍ଜୟ ଛୁଆଲସିଂହ ଧନ୍ୟବାଦ ଦେଇଥିଲେ।

# ୨୦୨୭ରେ କୋରାପୁଟକୁ କୁଷ୍ଠମୁକ୍ତ କରିବା ଲକ୍ଷ୍ୟ

**କୁଷ୍ଠ ନିରାକରଣ, ସଚେତନତାର ଶ୍ରେଷ୍ଠ କର୍ମଚାରୀ ସମ୍ମାନିତ**

କୋରାପୁଟ, ୧୪।୨ (ଅମିତାଭ ବେହେରା)

କୋରାପୁଟ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଶନିବାର ସିଡିଏମ୍‌ଓ ଡା ରବିନାରାୟଣ ମିଶ୍ରଙ୍କ ଅଧକ୍ଷତାରେ ଏକ ବୈଠକ କରାଯାଇଛି। ମୁଖ୍ୟ ଅତିଥିଭାବେ ରାଜ୍ୟ (କୁଷ୍ଠ) ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ଡା. ଏଲ୍. କେ. କର୍ମୀ ଯୋଗଦେଇଥିଲେ। ଡା କର୍ମୀ ଜିଲାର କୁଷ୍ଠ ନିରାକରଣ, ପ୍ରତିଷେଧକ ଓ ସଚେତନତା କାର୍ଯ୍ୟକ୍ରମ ଉପରେ ସମୀକ୍ଷା କରିଥିଲେ। ବିଗତ ବର୍ଷ ତୁଳନାରେ ଚଳିତ ବର୍ଷ କୁଷ୍ଠ ରୋଗୀ ସଂଖ୍ୟା ହ୍ରାସ ପାଇଥିବା ଓ ୨୦୨୭ ସୁଦ୍ଧା ଜିଲାକୁ କୁଷ୍ଠମୁକ୍ତ କରିବା ଲକ୍ଷ୍ୟରେ ଗତିଶୀଳ ପଦକ୍ଷେପ ଗ୍ରହଣ କରାଯାଇଥିବା ସେ ଉଲ୍ଲେଖ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ପୃକ୍ତ କର୍ମଚାରୀମାନଙ୍କର କାର୍ଯ୍ୟଦକ୍ଷତାକୁ ପ୍ରଶଂସା କରାଯାଇଥିଲା। କୋରାପୁଟ ଜିଲାରେ କୁଷ୍ଠ ରୋଗ ନିରାକରଣ ଓ ସଚେତନତା ସୃଷ୍ଟିରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା କର୍ମଚାରୀମାନଙ୍କୁ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ



ବୈଠକରେ ଅତିଥି ଓ ସମ୍ମାନିତ ହୋଇଥିବା କର୍ମଚାରୀ।

କରାଯାଇଥିଲା। ବି.ଭାସ୍କର ରାଓଙ୍କୁ ସ୍ୱତନ୍ତ୍ର ମାନପତ୍ର ଓ ଟ୍ରଫି ଦେଇ ସମ୍ମାନିତ କରାଯାଇଛି। ଏହି ବୈଠକରେ ଡା ମୁକ୍ତିକାନ୍ତ ଖଟୁଆ, ଜିଲା କୁଷ୍ଠ ପରାମର୍ଶଦାତା ଡା ରାଜେଶ ଚନ୍ଦ୍ର କଲେତଙ୍କ ସହ ସମସ୍ତ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ୫ ହସ୍ତବକ୍ର ରୋଗୀଙ୍କ ସଫଳ ଅସ୍ତ୍ରୋପଚାର

କୋରାପୁଟ, ୧୪।୨ (ଅମିତାଭ ବେହେରା)

କୋରାପୁଟସ୍ଥିତ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ଚିକିତ୍ସାଳୟରେ ୫ ଜଣ ହସ୍ତବକ୍ର କୁଷ୍ଠ ରୋଗୀଙ୍କର ସଫଳ ଅସ୍ତ୍ରୋପଚାର କରାଯାଇଛି। ଜିଲାରେ କୁଷ୍ଠ ମୁକ୍ତ ପକ୍ଷ ପାଳନ ଉଦ୍‌ଯାପନୀ ଦିବସରେ ଏହି ଅସ୍ତ୍ରଉପଚାର ସଫଳ ଭାବେ ସମ୍ପନ୍ନ ହୋଇଥିବା ଜଣାପଡ଼ିଛି। ସରକାରଙ୍କ ପକ୍ଷରୁ କୁଷ୍ଠ ମୁକ୍ତ ପକ୍ଷ ପାଳନ ଅବସରରେ ବହୁଜୀବାଣୁ ଯୁକ୍ତ ବକ୍ରହସ୍ତ କୁଷ୍ଠ ରୋଗୀମାନଙ୍କୁ ସ୍ଥାନୀୟ ଭେଷଜ ମହାବିଦ୍ୟାଳୟର ଅସ୍ତିସଲ୍ୟ ବିଭାଗର ଅପରେସନ ଗୃହରେ ଅସ୍ତ୍ରଉପଚାର କରାଯାଇଥିଲା। ରାଜ୍ୟ ପୁନଃନିର୍ମାଣ ଶଲ୍ୟ ଚିକିତ୍ସକ ତଥା ଅତିରିକ୍ତ ନିର୍ଦ୍ଦେଶକ (କୁଷ୍ଠ) ଡା ଏଲ୍.କେ. କର୍ମୀ ଉପସ୍ଥିତ ରହି ୫ ଜଣ ରୋଗୀଙ୍କର ସଫଳ ଅସ୍ତ୍ରୋପଚାର କରିଥିଲେ। ଏହି ଅସ୍ତ୍ରୋପଚାରରେ ଡା ମୁକ୍ତିକାନ୍ତ ଖଟୁଆ ଓ ଜିଲା କୁଷ୍ଠ ପରାମର୍ଶଦାତା ଡା ରାକେଶ ଚନ୍ଦ୍ର କଲେତ ସହଯୋଗ କରିଥିଲେ। ସମସ୍ତ ଅସ୍ତ୍ରୋପଚାର ପ୍ରାପ୍ତ ବ୍ୟକ୍ତିମାନଙ୍କୁ ସରକାରୀ ନିୟମାନୁସାରେ ୧୨ ହଜାର ଟଙ୍କା ସହାୟତା ରାଶି ସହ ଚିକିତ୍ସା ନିମନ୍ତେ ଯାତାୟାତ ପାଇଁ ୧୫୦୦ ଟଙ୍କା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରଦାନ କରାଯିବ ବୋଲି ଡା କର୍ମୀ ସୂଚନା ଦେଇଛନ୍ତି। ଏହା ସହ କୋରାପୁଟ ଜିଲାକୁ ସମ୍ପୂର୍ଣ୍ଣ କୁଷ୍ଠ ମୁକ୍ତ କରିବା ଲକ୍ଷ୍ୟରେ ଅଭିଯାନକୁ ଆହୁରି ଜୋରଦାର କରାଯାଇଥିବା ସେ କହିଛନ୍ତି। ଏହି ଅସ୍ତ୍ରୋପଚାରରେ ମେଡିକାଲ କଲେଜ ଅଧୀକ୍ଷକ ଡା ସୁଶାନ୍ତ କୁମାର ସାହୁଙ୍କ ସହ ଅସ୍ତିଶଲ୍ୟ ବିଭାଗ କର୍ମଚାରୀ ଏବଂ ଲେପ୍ରା ସୋସାଇଟିର ଫିଜିଓଥେରାପି ପରିଚାଳକ ଏ.ଅନୀଲ କୁମାର ସହଯୋଗ କରିଥିଲେ।

## ଆଦିବାସୀ ହଷ୍ଟେଲର ୪ର୍ଥ ଶ୍ରେଣୀ ଛାତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁ

ବନ୍ଧୁଗାଁ,୧୪।୨(ବେଣୁଧର ଲାବାଲା)

କୋରାପୁଟ ଜିଲା ବନ୍ଧୁଗାଁ ବ୍ଲକ କୁମ୍ଭାରିପୁଟ ସରକାରୀ କେବିକେ ବିଦ୍ୟାଳୟର ଆଦିବାସୀ ଛାତ୍ରୀ ନିବାସରେ ଜଣେ ୪ର୍ଥ ଶ୍ରେଣୀ ଛାତ୍ରୀଙ୍କ ଗୁରୁବାର ସକାଳୁ ସନ୍ଦେହଜନକ ମୃତ୍ୟୁ ଘଟିଛି। ସେ ହେଲେ ବନ୍ଧୁଗାଁ ବ୍ଲକ ଗାରିଡି ପଞ୍ଚାୟତ ଅଧୀନ ଜାରାପା ଗ୍ରାମର ସ୍ୱର୍ଗତ ଶୁକ୍ରୁ ମାଣ୍ଡିଙ୍କ ଝିଅ ଡିଓ (୧୦)।

ସୂଚନାନୁଯାୟୀ, ଡିଓ କୁମ୍ଭାରିପୁଟ ସେବାଶ୍ରମ ଚତୁର୍ଥ ଶ୍ରେଣୀ ପଢୁଥିବା ବେଳେ କେବିକେ ଆଦିବାସୀ ଛାତ୍ରୀ ନିବାସରେ ରହୁଥିଲେ। ଶନିବାର ସକାଳ ୮ଟାରେ କେତେଜଣ ଅନ୍ତେବାସୀ ହାତ ଧୋଇବା ପାଣି କୁଣ୍ଡ ପାଖକୁ ଯାଇଥିବାବେଳେ ସେଠାରେ ଡିଓଙ୍କୁ ଅଚେତ ଅବସ୍ଥାରେ ପଡ଼ିଥିବା ଦେଖିଥିଲେ। ସେମାନେ ତୁରନ୍ତ ପ୍ରଧାନଶିକ୍ଷକ ବିଶ୍ର ହରି ପାଢ଼ୀଙ୍କୁ ଏ ନେଇ ଜଣାଇଥିଲେ। ଛାତ୍ରୀଙ୍କ ମୁହଁରୁ ଫେଣ ଓ ନାକରୁ ରକ୍ତ ବାହାରୁଥିବାରୁ ସ୍କୁଲ କର୍ତ୍ତୃପକ୍ଷ ସଙ୍ଗେସଙ୍ଗେ ବନ୍ଧୁଗାଁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଶୁକ୍ରବାର ରାତିରେ ଝିଅକୁ ଭେଟି ତାଙ୍କୁ କିଛି ଟଙ୍କା ଦେଇ ଆସିଥିବା ଡିଓଙ୍କ ମା' ଶୁକାଇ କହିଛନ୍ତି। ସେ ଝିଅଙ୍କ ମୃତ୍ୟୁ ପାଇଁ ପ୍ରଧାନଶିକ୍ଷକଙ୍କୁ ଦାୟୀ କରିଛନ୍ତି। ପ୍ରଧାନଶିକ୍ଷକ ନାରାୟଣପାଟଣାର ହୋଇଥିବାରୁ ଅନେକ ସମୟରେ ଅନୁପସ୍ଥିତ ରହୁଥିବା ସହ ଖାଇବା ଠିକ୍ ସମୟରେ ଦେଉନଥିବା ସେ ଅଭିଯୋଗ କରିଛନ୍ତି। ସ୍ଥାନୀୟ ଗ୍ରାମବାସୀଙ୍କ ସହିତ ଯାଇ ବନ୍ଧୁଗାଁ ଥାନାରେ ପ୍ରଧାନଶିକ୍ଷକଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଛନ୍ତି। ବନ୍ଧୁଗାଁ ପୋଲିସ କେସ୍ ନଂ ୨/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ପୋଷ୍ଟମର୍ଟମ ରିପୋର୍ଟ ଆସିବା ପରେ ସେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏସ୍ ଆଇ ଟଙ୍କଧର ନାଏକ କହିଛନ୍ତି। ଏ ନେଇ ପ୍ରଧାନଶିକ୍ଷକଙ୍କୁ ପଚାରିବାରୁ ଅଭିଯୋଗ ଭିତ୍ତିହୀନ ବୋଲି ସେ କହିଛନ୍ତି।

## ୫୦ ଫୁଟ ତଳକୁ ଖସିଲା ଧାନ ବୋଝେଇ ଟ୍ରକ୍



ଦୁର୍ଘଟଣାଗ୍ରସ୍ତ ଟ୍ରକ୍।

ବନ୍ଧୁଗାଁ,୧୪।୨ (ବେଣୁଧର ଲାବାଲା)

କୋରାପୁଟ ଜିଲା ବନ୍ଧୁଗାଁ ବ୍ଲକ୍ ନିଲାବାଡି–କୁମ୍ଭାରିପୁଟ ଘାଟିରେ ଶନିବାର ଏକ ଧାନ ବୋଝେଇ ଟ୍ରକ୍ ୫୦ ଫୁଟ ତଳକୁ ଖସିପଡ଼ି ପଡ଼ିଛି। କୁମ୍ଭାରିପୁଟ ଧାନ ମଣ୍ଡିରୁ ଟ୍ରକରେ ଧାନ ବୋଝେଇ ହୋଇ ଜୟପୁର ଶ୍ରୀରାମ ଲାଲା ମିଲ୍‌କୁ ଯାଉଥିବା ସମୟରେ କୌଣସି କାରଣରୁ ହଠାତ ଗବ୍ରାରାଗୁଡା ଗାଁ ପାଖ ରାସ୍ତା ପାର୍ଶ୍ୱ ନିକଟରେ ଥିବା ଗର୍ତ୍ତ ଭିତରେ ଟ୍ରକ୍‌ଟି ଖସି ପଡ଼ିଥିଲା। ଡ୍ରାଇଭର ଟ୍ରକ ତଳେ ଚାପି ହୋଇ ମୃତ୍ୟୁ ସହ ସଂଗ୍ରାମ କରୁଥିବା ବେଳେ ହେଲପର ରାମଦାସ ହରିଜନ ସାମାନ୍ୟ ଆହତ ହୋଇଛନ୍ତି।

ସୂଚନାଯୋଗ୍ୟ, ଉକ୍ତ ରାସ୍ତା ନିର୍ମାଣ ହେବା ପରଠାରୁ ଗବ୍ରାଗୁଡା ଗ୍ରାମର ନିର୍ଦ୍ଦିଷ୍ଟ ସ୍ଥାନରେ ୧୫୦ରୁ ଉର୍ଦ୍ଧ୍ୱ ଟ୍ରକ ଓ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇ ଅନେକ ଧନ ଜୀବନ ନଷ୍ଟ ହେଲାଣି। ଦୁର୍ଘଟଣା ହେଉଥିବା ସ୍ଥାନରେ କିଛି ବିକଳ୍ପ ବ୍ୟବସ୍ଥା ଗ୍ରହଣ କରିବା ପାଇଁ ଗଣମାଧ୍ୟମରେ ଖବର ପ୍ରକାଶିତ ହେଉଥିଲେ ମଧ୍ୟ ଜିଲା ପ୍ରଶାସନ କିମ୍ବା ପୂର୍ତ୍ତ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଆଉ ୧୫ ଦିନ ପରେ ଅର୍ଥାତ ମାର୍ଚ୍ଚ ୨ ତାରିଖଠାରୁ ନୀଲାବାଡି ଅଗ୍ନିଗଙ୍ଗାମା ଯାତ୍ରା ଆରମ୍ଭ ହେଉଥିବାବେଳେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବ। ତେଣୁ ଅତିଶୀଘ୍ର ଉକ୍ତ ରାସ୍ତାରେ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରି ଧନ ଜୀବନ ବଞ୍ଚାଇବା ପାଇଁ ସ୍ଥାନୀୟ ବାସିନ୍ଦା ଅନୁରୋଧ କରିଛନ୍ତି। ଜିଲାପାଳ ଓ ପୂର୍ତ୍ତ ବିଭାଗ ପକ୍ଷରୁ ଦୁର୍ଘଟଣା ଘଟୁଥିବା ସ୍ଥାନରେ କିଛି ବିକଳ୍ପ ବ୍ୟବସ୍ଥା ଗ୍ରହଣ କରା ନ ଗଲେ ଜିଲାପାଳଙ୍କ ଗସ୍ତ ସମୟରେ ରାସ୍ତାରୋକୋ କରାଯିବ ବୋଲି ସ୍ଥାନୀୟ ଭାଜପା ଜିଲା କାର୍ଯ୍ୟକର୍ତ୍ତା ଶରତ ପାତ୍ର କହିଛନ୍ତି।

## ବିଲାପୁଟ ଶିକ୍ଷକ ନିଲମ୍ବିତ, କାକୁଆ ଶିକ୍ଷକଙ୍କୁ କୈଫିୟତ

ନନ୍ଦପୁର, ୧୪।୨ (ତୁଷାର କାନ୍ତ ମହାନ୍ତି)

**ଖବର ପ୍ରକାଶ ପରେ କାର୍ଯ୍ୟାନୁଷ୍ଠାନ**

ନନ୍ଦପୁର ବ୍ଲକ ବିଲାପୁଟ ପଞ୍ଚାୟତରେ ଥିବା ବିଦ୍ୟାଳୟଗୁଡ଼ିକରେ ଶିକ୍ଷୟିତ୍ରୀ ଶିକ୍ଷକ ସମୟାନୁବର୍ତ୍ତି ହୋଇ ଶିକ୍ଷାଦାନ କରୁ ନ ଥିବା ଅଭିଯୋଗ ହୋଇଥିଲା। ଶୁକ୍ରବାର ପୂର୍ବାହ୍ନ ୧୧ଟା ୩୦ ଯାଏ ବିଲାପୁଟ ପ୍ରାଥମିକ ବିଦ୍ୟାଳୟର ୨ ଶିକ୍ଷୟିତ୍ରୀ ଶିକ୍ଷକ ସ୍କୁଲକୁ ଆସି ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ଏ ନେଇ ଧରିତ୍ରୀରେ ଶନିବାର "ପୂର୍ବାହ୍ନ ୧୧ ଟା ଯାଏଁ ସ୍କୁଲ ଆସୁନାହାନ୍ତି ଶିକ୍ଷକ" ଶୀର୍ଷକ ଏକ ଖବର ପ୍ରକାଶ ପାଇବା ପରେ ନନ୍ଦପୁର ଶିକ୍ଷା ବିଭାଗ ପକ୍ଷରୁ ଦୁଇ ଶିକ୍ଷକଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଜିଲ୍ଲା ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶମତେ ବ୍ଲକ ଶିକ୍ଷାଧିକାରୀ ଭବାନୀ ନନ୍ଦନ ପଟ୍ଟନାୟକ ପ୍ରାଥମିକ ତଦନ୍ତ କରି ବିଲାପୁଟ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ତ୍ରିନାଥ ଆମେଡିଙ୍କୁ ନିଲମ୍ବିତ କରିଛନ୍ତି। ସେହିପରି କାକୁଆ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସେହିଦିନ ସମୟ ପୂର୍ବରୁ ସ୍କୁଲ ବନ୍ଦକରି ଚାଲିଯାଇଥିବାରୁ ତାଙ୍କୁ କୈଫିୟତ ତଲବ କରାଯାଇଛି। ନନ୍ଦପୁର ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୩୫୦/୨୦୨୬ ପ୍ରକାରେ ପ୍ରଧାନଶିକ୍ଷକ ତ୍ରିନାଥ ଆମେଡିଙ୍କୁ



ନିଲମ୍ବିତ ହୋଇଥିବା ଶିକ୍ଷକ ତ୍ରିନାଥ ଆମେଡି।

ନିଲମ୍ବନ କରାଯାଇ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ଆରତୀ ଆଚାର୍ଯ୍ୟଙ୍କୁ ଦାୟିତ୍ୱ ହସ୍ତାନ୍ତର କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଆଗାମୀ ଆଦେଶ ପର୍ଯ୍ୟନ୍ତ ନନ୍ଦପୁର ବ୍ଲକ ସଦର ମହକୁମାସ୍ଥିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ହାଜିରା ଦେବାକୁ ନିର୍ଦ୍ଦେଶନାମାରେ ଉଲ୍ଲେଖ କରାଯାଇଛି। ସେହିଭଳି କାକୁଆ ବିଦ୍ୟାଳୟ ଶିକ୍ଷକ ଦୀପକ ଖିଲଙ୍କୁ ସମୟ ପୂର୍ବରୁ କାହିଁକି ବିଦ୍ୟାଳୟ ବନ୍ଦ ଥିଲା ଦର୍ଶାଇ କୈଫିୟତ ତଲବ କରାଯାଇଛି। ସନ୍ତୋଷଜନକ ଉତ୍ତର ନ ମିଳିଲେ ତାଙ୍କ ବିରୋଧରେ ମଧ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଇଓ ଭବାନୀ ନନ୍ଦନ ପଟ୍ଟନାୟକ ସୂଚନା ଦେଇଛନ୍ତି। ଶିକ୍ଷାଧିକାରୀଙ୍କ ଏଭଳି ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନକୁ ସାଧାରଣରେ ପ୍ରଶଂସା କରାଯାଇଛି ।

## ଦେଶୀ ବନ୍ଧୁକରୁ ଗୁଳି ଫୁଟି ଯୁବକ ଗୁରୁତର

ନନ୍ଦପୁର ୧୪।୨(ତୁଷାର କାନ୍ତ ମହାନ୍ତି)

ନନ୍ଦପୁର ବ୍ଲକ ପାଡୁଆ ଥାନା ଅଧୀନ ବାଡ଼େଲ ପଞ୍ଚାୟତର ଖଟଲାପୁଟ ଗ୍ରାମରେ ଶନିବାର ଦେଶୀ ବନ୍ଧୁକରୁ ଗୁଳିଫୁଟି ଜଣେ ଯୁବକ ଗୁରୁତର ହୋଇଛନ୍ତି। ସେ ହେଲେ ଲାଇବାନ ଖରା



(୨୩)। ଗୁରୁତର ଅବସ୍ଥାରେ ଲାଇବାନଙ୍କୁ ଲମତାପୁଟସ୍ଥିତ ଆଶାକିରଣ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କ ଅସ୍ତ୍ରୋପଚାର କରାଯାଉଥିବା ଡାକ୍ତର ସୂଚନା ଦେଇଛନ୍ତି। ପାଡୁଆ ପୋଲିସ ଦେଶୀ ବନ୍ଧୁକ ଜବତ କରିଛି। ଅତିରିକ୍ତ ଥାନାଧିକାରୀ ସୁରେନ୍ଦ୍ର ସେଠୀ ଓ ଏସ୍ଆଇ ଦୀପକ ବାରିକ ପ୍ରମୁଖ ଆଶାକିରଣ ହସ୍ପିଟାଲରେ ପହଞ୍ଚି ଚିକିତ୍ସା ସ୍ଥିତି ଅନୁଧ୍ୟାନ କରିଛନ୍ତି। ଲାଇବନଙ୍କ ସ୍ଥିତି ଗୁରୁତର ଥିବାରୁ ତାଙ୍କୁ ଆଇସିୟୁରେ ରଖାଯାଇଥିବା ସୂଚନା ମିଳିଛି। ପ୍ରାଥମିକ ତଦନ୍ତରୁ ଫୁଟିଥିବା ବନ୍ଧୁକଟି ହାତତିଆରି ବୋଲି ଜଣାପଡ଼ିଛି। କିନ୍ତୁ ବନ୍ଧୁକଟି କେଉଁଠୁ ଆସିଲା, କାହାର ଓ ଗୁଳିଫୁଟା ଘଟଣା କିଭଳି ଘଟିଲା ସେ ସମ୍ପର୍କରେ ପାଡୁଆ ଥାନାରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ କରାଯାଉଥିବା ଥାନାଧିକାରୀ ଅଶୋକ ବିଷୋୟୀ ସୂଚନା ଦେଇଛନ୍ତି। ଦେଶୀ ବନ୍ଧୁକ ଘରେ ରଖିଥିବା ଘଟଣା ବର୍ତ୍ତମାନ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

## ୪୦ ଦୀପ ପ୍ରଜ୍ୱଳନ କରି ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି

ନନ୍ଦପୁର/ପାଡୁଆ,୧୪।୨
(ତୁଷାର କାନ୍ତ ମହାନ୍ତି/ଶଙ୍କର ପୂଜାରୀ)

୨୦୧୯ ଫେବୃଆରୀ ୧୪ ତାରିଖରେ ଜମ୍ମୁ ଶ୍ରୀନଗର ଜାତୀୟ ରାଜପଥରେ ଆତଙ୍କବାଦୀଙ୍କ ଆତ୍ମଘାତୀ ବିସ୍ଫୋରଣରେ ୪୦ ସିଆରପିଏଫ୍ ଯବାନ ସହିଦ ହୋଇଥିଲେ। ଶନିବାର ଅପରାହ୍ନ ୩ଟା ୧୫ରେ ସମସ୍ତ ସହିଦଙ୍କ ଉଦ୍ଦେଶ୍ୟରେ ୪୦ ଦ୍ୱିପ ପ୍ରଜ୍ୱଳନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ନନ୍ଦପୁର ବ୍ଲକରେ କାର୍ଯ୍ୟରତ ନାରାୟଣ ପଣ୍ଡା ସ୍ମୃତି ସାହିତ୍ୟ ସଂସଦ, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ, ସ୍ଥାନୀୟ ଅଞ୍ଚଳର



ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି ।

ବୁଦ୍ଧିଜୀବୀଙ୍କୁ ନେଇ ବାଞ୍ଜିଲାପୁଟସ୍ଥିତ ଧବଳେଶ୍ୱର ମନ୍ଦିରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଥିଲା। ସଂସଦ ସମ୍ପାଦକ ବିଚିତ୍ରାନନ୍ଦ ପଣ୍ଡା ଦେଶ ମାତୃକା ପାଇଁ ଶହୀଦ ସିଆରପିଏଫ ଯବାନଙ୍କ ବଳିଦାନ ଭାରତୀୟ ସେନା ବାହିନୀ ଓ ବର୍ତ୍ତମାନର ଯୁବଗୋଷ୍ଠୀଙ୍କ ପାଇଁ ପ୍ରେରଣା ବୋଲି କହିଥିଲେ।

## ଅଙ୍ଗନୱାଡି କର୍ମୀଙ୍କ ଖେଳ ପ୍ରତିଯୋଗିତା



ରଶୀ ଟଙ୍କା ପ୍ରତିଯୋଗତା କରାଯାଉଛି।

ସୁନାବେଡ଼ା, ୧୩।୨(କୃତ୍ତିବାସ ପ୍ରଧାନ)

ସୁନାବେଡା ଆଇସିଡିଏସ୍ କାର୍ଯ୍ୟାଳୟ ପରିସରେ ଅଙ୍ଗନୱାଡି କର୍ମୀଙ୍କୁ ନେଇ ଏକ ଖେଳ ପ୍ରତିଯୋଗିତା ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ସିଡିପିଓ ନଳିନୀ ବେହେରାଙ୍କ ତତ୍ତ୍ୱାବଧାନରେ ଖୋକ, କବାଡି ଓ ରଶି ଟଣା ପ୍ରତିଯୋଗିତା କରାଯାଇଥିଲା। ଏହି ସମସ୍ତ ଖେଳରେ ଗୋଟିଏ ଗୋଟିଏ ଦଳ କୃତକାର୍ଯ୍ୟ ହୋଇଥିଲେ। ଆଗାମୀ ଦିନରେ ହେବାକୁ ଥିବା ମହିଳା ଦିବସ ଜିଲାସ୍ତରୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରବେ ବୋଲି ସିଡିପିଓ ବେହେରା ସୂଚନା ଦେଇଛନ୍ତି। ସୂଚନା ଥାଉ ଆଇସିଡିଏସ କାର୍ଯ୍ୟାଳୟ ଅଧିନରେ ମୋଟ ୮୫ କେନ୍ଦ୍ର ରହିଥିବା ବେଳେ ୬୦ ଜଣ ଅଙ୍ଗନୱାଡି କର୍ମୀ ପ୍ରତିଯୋଗିତାରେ ଭାଗ ନେଇଥିଲେ।

## ସ୍କୁଲରେ ମାତୃପିତୃ ପୂଜନ ଦିବସ

ଜୟପୁର,୧୪।୨(ପବନ ପାଣିଗ୍ରାହୀ)

ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଅରବିନ୍ଦ ନଗରରେ ମାତୃ ପିତୃ ପୂଜନ ଦିବସ ଶନିବାର ପାଳିତ ହୋଇଯାଇଛି। ଯୋଗ ବେଦାନ୍ତ ସମିତିରୁ ଇତିଶ୍ରୀ ମିଶ୍ର ମୁଖ୍ୟ ଅତିଥି, କେ.ସୁଶୀଳା ରାଜ, ଗଙ୍ଗା ବାଇ, ସନ୍ତୋଷିନୀ ପାତ୍ର, ଶ୍ୟାମସୁନ୍ଦର ବରାଳ, କେ. ଗୋବିନ୍ଦ ରାଜ, ମୀନତି ପଟ୍ଟନାୟକ ପ୍ରମୁଖ ଅନ୍ୟ ଅତିଥିଭାବେ ଉପସ୍ଥିତ ଥିଲେ। ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ଡକ୍ଟର ରମଣୀ ରଞ୍ଜନ ଦାସଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ପିଲାମାନେ ମା ବାପାଙ୍କୁ ଫୁଲ ଚନ୍ଦନ ଧୂପ ଦୀପ ଦେଇ ପୂଜା କରିଥିଲେ। ଏଥିରେ ୧୭୮ ଜଣ ଅଭିଭାବକ ଉପସ୍ଥିତ ଥିଲେ।



ପିଲାମାନେ ମା' ବାପାଙ୍କୁ ପୂଜାର୍ଚ୍ଚନା କରୁଛନ୍ତି।

## କୋରାପୁଟରେ ୬ ବର୍ଷରେ ୪,୮୨୨ ଥର ଜଳିଛି ଜଙ୍ଗଲ

**ବନାଗ୍ନି ନିର୍ବାପନ ନେଇ ଖବରଦାତା ସମ୍ମିଳନୀ**

କୋରାପୁଟ,୧୪।୨(ଅମିତାଭ ବେହେରା)

ବନାଗ୍ନିକୁ ସଫଳତାର ସହ ମୁକାବିଲା କରିବା ପାଇଁ କୋରାପୁଟ ବନଖଣ୍ଡ ପକ୍ଷରୁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଏଥି ନେଇ ଶନିବାର କୋରାପୁଟ ବନଖଣ୍ଡ ସଭାଗୃହଠାରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଗତ ୬ ବର୍ଷରେ କୋରାପୁଟ ବନଖଣ୍ଡ ଅଞ୍ଚଳରେ ୪୮୨୨ଟି ବନାଗ୍ନୀ ଘଟଣା ଘଟିଛି। ସେଥିମଧ୍ୟରୁ ୨୦୨୦-୨୧ ବର୍ଷରେ ୨୫୬ଟି ବନାଗ୍ନି ଘଟଣା ହୋଇଥିବାବେଳେ ଗତ ୨୦୨୧-୨୨ ରେ ୫୮୩ ଟି, ୨୦୨୨-୨୩ ରେ ୫୩୩ଟି, ୨୦୨୩-୨୪ ରେ ୧୨୦୭ ଟି, ୨୦୨୪-୨୫ ରେ ୧୨୩୬ ଟି, ୨୦୨୫-୨୬ରେ ୧୦୦୭ଟି ବନାଗ୍ନି ଘଟଣା ଘଟିଥିବା କୋରାପୁଟ ବନଖଣ୍ଡ




ଖବରଦାତା ସମ୍ମିଳନୀରେ ବନ ଅଧିକାରୀ ସୂଚନା ଦେଉଛନ୍ତି।

ଅଧିକାରୀ କେ. ଭାସ୍କର ରାଓ ପ୍ରକାଶ କରିଛନ୍ତି । ଏହି ଅବସରରେ କୋରାପୁଟ ବନଖଣ୍ଡ ଅଞ୍ଚଳରେ ଥିବା ୬ଟି ରେଞ୍ଜରେ ବନାଗ୍ନିକୁ ରୋକିବାକୁ ସମସ୍ତଙ୍କ ସହଯୋଗ ଲୋଡିଛନ୍ତି କୋରାପୁଟ ବନଖଣ୍ଡ ଅଧିକାରୀ କେ. ଭାସ୍କର ରାଓ। ନାରାୟଣପାଟଣା, ଲକ୍ଷ୍ମୀପୁର ଏବଂ ଦଶମନ୍ତପୁର ବନାଗ୍ନି ପ୍ରବଣ ଅଞ୍ଚଳ ଭାବରେ ରହିଛି। ଏଥିନିମନ୍ତେ ୬ଟି ଫାୟାର ସ୍କ୍ୱାର୍ଡ ଗଠନ କରାଯାଇଛି। ୧୨୦ ଜଣ ପାରା ଫାୟାର ଷ୍ଟାଫ ନିୟୋଜିତ ରହିବେ। କୋରାପୁଟ ବନଖଣ୍ଡ ସହିତ ୬ଟି ରେଞ୍ଜରେ ନିୟନ୍ତ୍ରଣ କକ୍ଷ ଖୋଲାଯାଇଛି ବୋଲି ସେ କହିଛନ୍ତି। ଏହି କାର୍ଯ୍ୟରେ ନିୟୋଜିତ କର୍ମଚାରୀଙ୍କ ସୁରକ୍ଷା ପ୍ରତି ଧ୍ୟାନ ଦିଆଯିବ ବୋଲି ସେ କହିଛନ୍ତି। ଏସିଏଫ୍ ଜଗନ୍ନାଥ ବିଶୋଇ ଯୋଗଦେଇ ଧନ୍ୟବାଦ ଅର୍ପଣ କରିଥିଲେ।

